# ମାଲକାନଗିରିରେ ଲଳିତ କଳା ଏକାଡେମୀ


ମେଘଉତ୍ସବ ଉଦ୍‌ଘାଟନୀ ସମାରୋହରେ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସମେତ ଅନ୍ୟ ଅତିଥିବୃନ୍ଦ।

**ମାଲକାନଗିରି, ୧।୧୦ (ଡି.ଏନ୍.ଏ.)**

**ରାଜ୍ୟସ୍ତରୀୟ ମେଘଉତ୍ସବ ଉଦ୍‌ଘାଟିତ**

- ୫୦ ଲକ୍ଷ ବ୍ୟୟ ଅଟକଳରେ ନିର୍ମାଣ ହେବ ଭବ୍ୟ କୋଠା
- ପାରମ୍ପରିକ ଲୋକନୃତ୍ୟ, ଲୋକସଙ୍ଗୀତରେ କମ୍ପିଲା ମଞ୍ଚ

ଜନଜାତି ଏବଂ ସେମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ନେଇ ସମୃଦ୍ଧ ମାଲକାନଗିରି ଜିଲା। ଲୋକସାହିତ୍ୟ, ଲୋକଗୀତ, ଐତିହ୍ୟ ସମ୍ପନ୍ନ ଆଦିବାସୀ ପରମ୍ପରା ଏହାକୁ ସ୍ୱତନ୍ତ୍ର ପରିଚୟ ଦେଇଛି। ସ୍ୱାଧୀନତା ସଂଗ୍ରାମରେ କାରାବରଣ ଭୋଗି ଫାଶୀ ଖୁଣ୍ଟରେ ଝୁଲିଥିବା ଶହୀଦ ଲକ୍ଷ୍ମଣ ନାୟକ ଯୁବପିଢ଼ିଙ୍କ ପାଇଁ ସାଜିଛନ୍ତି ପ୍ରେରଣା। ମାଲକାନଗିରିର ସର୍ବାଙ୍ଗୀନ ବିକାଶ ପାଇଁ ରାଜ୍ୟ ସରକାର ଲଗାତର ପ୍ରୟାସ ଜାରି ରଖିଛନ୍ତି। ଜିଲାର କଳାସଂସ୍କୃତିକୁ ବିଶ୍ୱସ୍ତରରେ ପହଞ୍ଚାଇବାକୁ ଜିଲାର ବୀରଲକ୍ଷ୍ମଣପୁରରେ ୫୦ଲକ୍ଷ ଟଙ୍କା ବ୍ୟୟରେ ଭବ୍ୟ ଲଳିତ କଳା ଏକାଡେମୀ ପ୍ରତିଷ୍ଠା କରାଯିବ। ଏଥିସହ ଶହୀଦ ଲକ୍ଷ୍ମଣ ନାୟକଙ୍କ ଏକ ପ୍ରତିମୂର୍ତ୍ତି ନିର୍ମାଣ କରାଯିବ ବୋଲି କହିଛନ୍ତି ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ। ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ସୋମବାର ସନ୍ଧ୍ୟାରେ ଆୟୋଜିତ ରାଜ୍ୟସ୍ତରୀୟ 'ମେଘଉତ୍ସବ'ର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହିତ ଏହି ଘୋଷଣା କରିଛନ୍ତି।

ଅନ୍ୟତମ ଅତିଥି ଭାବେ ବିଧାୟକ ଆଦିତ୍ୟ ମାଢ଼ି, ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମୀ, ସଂସ୍କୃତି ବିଭାଗ ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଜିଲାପାଳ ବିଶାଳ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। କଳାସଂସ୍କୃତିର ବିକାଶ ପାଇଁ ଏଭଳି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ଅତିଥିମାନେ କହିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା କଳାକାରଙ୍କ ଦ୍ୱାରା ପ୍ରଦର୍ଶିତ ପାରମ୍ପରିକ ନୃତ୍ୟରେ ମଞ୍ଚ ପ୍ରକମ୍ପିତ ହୋଇଉଠିଥିବାବେଳେ ଆକର୍ଷଣୀୟ ସାଜିଥିଲା ଚିତ୍ରକଳା ଶିବିର 'ମେଘ ମହ୍ଲାର'। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ପ୍ରତିଷ୍ଠିତ ଶିଳ୍ପୀ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ କୁମାର ରଥ, ଲୋକକଳା ପ୍ରକଳ୍ପ ନିର୍ଦ୍ଦେଶକ ବାସୁଦେବ ମାଲବିଶୋଇ, ରାଜ୍ୟ ଲୋକକଳା ସଂଘ ସଭାପତି, ଅବନୀ କୁମାର ମିଶ୍ର, ଓଡ଼ିଶା ଲଳିତ କଳା ଏକାଡେମୀ ସଚିବ ପଞ୍ଚାନନ ସାମଲ, ଜୟପୁର ଆର୍ଟ ସ୍କୁଲ ଅଧ୍ୟକ୍ଷ ଯୁଧିଷ୍ଠିର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଚିତ୍ରଶିଳ୍ପୀଙ୍କୁ ଉତ୍ସାହିତ କରାଇଥିଲେ। ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହେବ।

## କାନ୍‌ଭାସରେ 'ମେଘମହ୍ଲାର'

କାନ୍‌ଭାସକୁ ଉତୁରି ଆସିଛି ମେଘ। କେଉଁଠି ବର୍ଷା ଭିଜାଉଛି ତ ଆଉ କେଉଁଠି ମନମୋହୁଛି ମେଘର କଳାହାଣ୍ଡିଆ ରୂପ। ରାଜ୍ୟସ୍ତରୀୟ 'ମେଘ ଉତ୍ସବ' ଉପଲକ୍ଷେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ 'ମେଘମହ୍ଲାର'ରେ ସ୍ଥାନ ପାଇଛି ମେଘ, ମାଟି ଆଉ ତା' ଭିତରେ ଥିବା ମଣିଷର ଭାବନା। କାର୍ଯ୍ୟକ୍ରମରେ ଭୁବନେଶ୍ୱରର ବିଭୂତି କାନୁନଗୋ ଚାରୁକଳା ମହାବିଦ୍ୟାଳୟ, ଧଉଳି ଚାରୁକଳା ମହାବିଦ୍ୟାଳୟ, ଖଲ୍ଲିକୋଟ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟ, ବାଲେଶ୍ୱର ଚାରୁ ଓ କାରୁକାଳା ମହାବିଦ୍ୟାଳୟ, ଭଦ୍ରକ ଚାରୁକଳା ମହାବିଦ୍ୟାଳୟ, ସୁନ୍ଦରଗଡର କଳାୟତନ ଚାରୁ ଓ କାରୁକଳା ମହାବିଦ୍ୟାଳୟ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଏବଂ କୋରାପୁଟରୁ ବିକ୍ରମଦେଓ ଚାରୁ ଓ କାରୁକଳା ବିଦ୍ୟାଳୟର ମୋଟ ୩୧ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ଶିଳ୍ପୀଙ୍କ ତୂଳୀରେ ମାଲକାନଗିରିର ପ୍ରାକୃତିକ ସୌନ୍ଦର୍ଯ୍ୟ, ବର୍ଷାଋତୁର ଦୃଶ୍ୟ ବେଶ୍ ଆକର୍ଷଣୀୟ ହୋଇଛି। ଦୁଇଦିନ ଧରି ଚାଲିବାକୁ ଥିବା ଏହି ଶିବିରକୁ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଉଦ୍‌ଘାଟନ କରିଥିଲେ। ଚିତ୍ର ଓ ସାହିତ୍ୟରେ ବର୍ଷାର ଚିତ୍ରଣ ଉଭୟ କଳା ଏବଂ ସାହିତ୍ୟକୁ ଋଦ୍ଧିମନ୍ତ କରେ ବୋଲି ସେ କହିବା ସହ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଶିଳ୍ପୀଙ୍କୁ ଉତ୍ସାହିତ କରାଇଥିଲେ।


ଶିଳ୍ପୀମାନେ କାନ୍‌ଭାସରେ ଚିତ୍ର ଆଙ୍କୁଛନ୍ତି।

## ସଂକ୍ଷେପରେ

### ଯୋଗଦେଲେ ନୂତନ ନିର୍ବାହୀ ଅଧିକାରୀ

**କୋରାପୁଟ, ୧।୧୧(ସ୍ୱ.ପ୍ର.):** କୋରାପୁଟ ମ୍ୟୁନିସିପାଲିଟିର ନୂତନ ନିର୍ବାହୀ ଅଧିକାରୀ ଭାବେ ସୁନାବେଡ଼ା ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାରଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟ ଅବସର ନେବାପରେ ଏହି ପଦବୀ ଖାଲି ପଡ଼ିଥିଲା। ଅବସର ନେଇଥିବା ସାମନ୍ତରାୟଙ୍କୁ ରବିବାର ରାତିରେ ଟାଉନ ହଲ୍‌ରେ ସମ୍ବର୍ଦ୍ଧିତ କରାଯାଇଥିଲା। ସହକାରୀ ଯନ୍ତ୍ରୀ ମନୋଜ ପାତ୍ର, ସୁଧୀର ଦାସ, କନିଷ୍ଠ ଯନ୍ତ୍ରୀ ନର୍ମଦା ସାହୁ, ଅଶୋକ ସାହା, ସୀମାଞ୍ଚଳ ପଢ଼ିହାରୀ, ଦୁର୍ଗାମାଧବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### କ୍ଷୋଭ ଜଣାଇଲେ କନିଷ୍ଠ ଶିକ୍ଷକ

**ଦଶମନ୍ତପୁର, ୧।୧୧(ଡି.ଏନ୍.ଏ.):** କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର କନିଷ୍ଠ ବର୍ଗର ଶିକ୍ଷକମାନେ ବିଭିନ୍ନ ଦାବି ନେଇ ସୋମବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ଅବସରରେ ସଂଘର ସଭାପତି ଅନିଲ କୁମାର ମହାପାତ୍ରଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ଏବଂ ବିଇଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରାଥମିକ ବର୍ଗ କନିଷ୍ଠ ଶିକ୍ଷକଙ୍କୁ ଅବହେଳା ପ୍ରଦର୍ଶନ, କମ୍ ପାରିଶ୍ରମିକ ପ୍ରଦାନ, ସର୍ବନିମ୍ନ ଦରମା ୧୬ ହଜାର, ଚୁକ୍ତିନାମା ନିୟମ ୨୦୧୩ରେ ସାମିଲ କରିବା ଆଦି ଦାବିରେ ଥାନା ସମ୍ମୁଖରୁ ଏକ ରାଲି ବାହାରି ନଗର ପରିକ୍ରମା କରିଥିଲା। ଏଥିରେ ସଂଘର ଉପାଧ୍ୟକ୍ଷ ଆଦିତ୍ୟ ପ୍ରଧାନ, ସଂଯୋଜକ ପ୍ରଶାନ୍ତ କୁମାର ସାହୁ, କୋଷାଧ୍ୟକ୍ଷ ପ୍ରତାପ କୁମାର ଶର୍ମା, ଦଶମନ୍ତପୁର ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବାସ ପ୍ରଧାନୀ, ସମ୍ପାଦକ ଗୋବିନ୍ଦ ଗରଡ଼ା, ପୋଡ଼ାଗଡ଼ ଶାଖା ସଂଘ ସଭାପତି ସୁନୀଲ କୁମାର ଟାକ୍ରି ପ୍ରମୁଖ ଉପସ୍ଥିତ ଥିଲେ।

### ଭିଜିଲାନ୍ସ ତରଫରୁ ସଚେତନତା ଶୋଭାଯାତ୍ରା

**ଜୟପୁର, ୧।୧୧(ନି.ପ୍ର.):** କୋରାପୁଟ ଡିଭିଜନ ଭିଜିଲାନ୍ସ ବିଭାଗ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ବିଭାଗୀୟ ଏସ୍‌ପି ବନମାଳି ଧଳ ଏହାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜୟପୁର ରାଜନଅର ଛକଠାରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରା ମୁଖ୍ୟରାସ୍ତା ଦେଇ ଭିଜିଲାନ୍ସ ଅଫିସରେ ଶେଷ ହୋଇଥିଲା। ଅତିରିକ୍ତ ଏସ୍‌ପି ସୁରେନ୍ଦ୍ରନାଥ ପାଣିଗ୍ରାହୀ, ଡିଏସ୍‌ପି ଅନନ୍ତ ପ୍ରସାଦ ମଲ୍ଲିକ, ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା, ଟାଉନ ଥାନାଧିକାରୀ ସଞ୍ଜୟ କୁମାର ମଣ୍ଡଳ, ଜୟପୁର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଯଶୋଦା ଗାଦବା, ଭିଜିଲାନ୍ସ ଅଫିସ କର୍ମଚାରୀଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ନୂତନ ଉପଜିଲାପାଳ ଦାୟିତ୍ୱ ନେଲେ



**ଜୟପୁର, ୧।୧୧ (ନି.ପ୍ର.):** ଜୟପୁର ଉପଖଣ୍ଡର ନୂତନ ଉପଜିଲାପାଳ ଭାବେ ଦାୟିତ୍ୱ ନେଇଛନ୍ତି ଦେବବର ପ୍ରଧାନ। ଏଠାରେ କାର୍ଯ୍ୟରତ ଉପଜିଲାପାଳ ଆଇଏଏସ୍ ହେମକାନ୍ତ ସାୟ୍ କୋରାପୁଟ ପିଡି ଡିଆରଡିଏ ଭାବେ ପ୍ରଦୋନ୍ନତି ପାଇ ବଦଳି ହୋଇଛନ୍ତି। ଜୟପୁର ପିଏ ଆଇଟିଡିଏ ଗୋପୀନାଥ ସାରକା ଅତିରିକ୍ତ ଭାବେ ଏହି ଦାୟିତ୍ୱରେ ଥିଲେ। ଗତ ରବିବାର ଜିଲାପାଳ ଅବଦୁଲ ମହମ୍ମଦ ଆକ୍‌ତରଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିବା ପରେ ଦେବବର ଦାୟିତ୍ୱ ଗ୍ରହଣ କରିଛନ୍ତି।

### କୃଷି ରଥ ଶୁଭାରମ୍ଭ

**ଗଞ୍ଜାମ/ବେଗୁନିଆପଡ଼ା, ୧।୧୧ (ଡି.ଏନ.ଏ.):** ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ସୋମବାର ଗଞ୍ଜାମ ବ୍ଲକ କୃଷି ରଥର ଶୁଭାରମ୍ଭ କରିଛନ୍ତି।। ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ, ଜିଲା କୃଷି ଅଧିକାରୀ ବିଦ୍ଧୁର ସେଠ ମାଝୀ, ବ୍ଲକ କୃଷି ଅଧିକାରୀ ସୌମ୍ୟ ରଞ୍ଜନ ସାହୁ, ଅଜିତ କୁମାର ବରାଳ, ଗଞ୍ଜାମ ଏନ୍‌ଏସି ଯୁବ ସଭାପତି ସୁଧୀର କୁମାର ପାଢ଼ୀ, ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ଉପାଧ୍ୟକ୍ଷା ପ୍ରତିନିଧି ରଙ୍କନିଧି ପ୍ରଧାନ, ପୂର୍ବତନ ଏନ୍‌ଏସି ଉପାଧ୍ୟକ୍ଷ ନୀଳାଞ୍ଚଳ ବାରିକି ପ୍ରମୁଖ ଉପସ୍ଥିତ ଥିଲେ। ଏହି କୃଷି ରଥ ବ୍ଲକର ବିଭିନ୍ନ ପଞ୍ଚାୟତ ବୁଲି କୃଷି ସମ୍ବନ୍ଧରେ ଚାଷୀଙ୍କୁ ଅବଗତ କରାଇବ ବୋଲି ଏଗ୍ରିକଲଚର ଅଫିସ ପକ୍ଷରୁ କୁହାଯାଇଛି। ବେଗୁନିଆପଡ଼ା ବ୍ଲକରେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ କୃଷି ରଥ ଉଦ୍‌ଘାଟନ କରିଛନ୍ତି।

## ୪୦ରୁ ଉର୍ଦ୍ଧ୍ୱ କଇଁଛ ଜବତ



**କାଲିମେଲା, ୧।୧୧(ଡି.ଏନ୍.ଏ.)**

ମାଲକାନଗିରି ଜିଲା କାଲିମେଲା ବନ ବିଭାଗ ଟିଗଲ ପଞ୍ଚାୟତ ଅଧୀନ ଏମ୍‌ପିଭି-୬୫ ଗାଁ ଜଙ୍ଗଲରେ ଚଢ଼ାଉକରି ବସ୍ତାରେ ଭର୍ତ୍ତି ହୋଇଥିବା ୪୦ରୁ ଉର୍ଦ୍ଧ୍ୱ କଇଁଛ ଏବଂ ୨ ବାଇକ୍ ଜବତ କରିଛି। ବ୍ୟବସାୟୀମାନେ ବେଆଇନ ଭାବେ ଉକ୍ତ କଇଁଛ ଚାଲାଣ କରିବାକୁ ଯୋଜନା କରୁଥିବା ସୂଚନା ପାଇ ବନ କର୍ମଚାରୀ ଚଢ଼ାଉ କରିଥିଲେ। ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ଜବତ କଇଁଛର ମୂଲ୍ୟ ୨୦ ହଜାର ଟଙ୍କାରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ବନାଞ୍ଚଳ ଅଧିକାରୀ ସୁଶାନ୍ତ ଦଳେଇଙ୍କ ନେତୃତ୍ୱରେ ବନପାଳ ସ୍ୱୟଂପ୍ରଭା ପ୍ରଧାନ, ଫରେଷ୍ଟ ଗାର୍ଡ ବାବୁରାମ ଦରୁଆ, ରାମ ମାଝି, ରୁଦ୍ର ହନ୍ତାଳ, ଦୀନେଶ ରାଓ, ଜୟନ୍ତ ନାୟକ ପ୍ରମୁଖ ଚଢ଼ାଉ କରିଥିଲେ। ସ୍ଥାନୀୟ ବଜାରରେ କଇଁଛ ଚଢ଼ା ଦରରେ ବିକ୍ରି କରାଯାଉଛି। ତେଣୁ କେତେଜଣ ଅସାଧୁ ବ୍ୟବସାୟୀ ଲାଭ ଆଶାରେ ନଡ଼ିଆ ବୋଝେଇ ଗାଡ଼ିରେ କଇଁଛ ଆଣୁଥିବା ଜଣାପଡ଼ିଛି। ଏଥିପ୍ରତି ସତର୍କ ରହିବାକୁ ବନ ବିଭାଗ ପକ୍ଷରୁ କର୍ମଚାରୀଙ୍କୁ ସତର୍କ କରାଯାଇଛି।

## ୩୦ ଯାଏ ଭୋଟର ତାଲିକା ସଂଶୋଧନ

**ମାଲକାନଗିରି(ଡି.ଏନ୍.ଏ.)/ ଜୟପୁର (ନିପ୍ର), ୧।୧୧**

ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ଆସନ୍ତା ୩୦ ତାରିଖ ଯାଏ ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ହେବ। ତଦନୁଯାୟୀ ସୋମବାର ମାଲକାନଗିରି ଜିଲାର ଭୋଟର ତାଲିକା ପ୍ରକାଶିତ ହୋଇଛି। ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ତଥା ଅତିରିକ୍ତ ନିର୍ବାଚନ ଅଧିକାରୀ ବୀରସେନ ପ୍ରଧାନ ଅଧ୍ୟକ୍ଷତା କରି ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି। ଭୋଟର ତାଲିକା ସଂଶୋଧନ, ତ୍ରୁଟି ସୁଧାର ଲାଗି ପ୍ରତି ବୁଥ୍‌ରେ ବ୍ୟବସ୍ଥା କରାଯାଇଛି। ବିଭିନ୍ନ ରାଜନୈତିକ ଦଳର ଏଜେଣ୍ଟମାନେ ନୂତନ ଭୋଟରଙ୍କୁ ତାଲିକାଭୁକ୍ତ କରିବାକୁ ପଦକ୍ଷେପ ନେବେ। ଜାନୁୟାରୀ ୫ରେ ସଂଶୋଧିତ ଭୋଟର ତାଲିକା ପ୍ରକାଶିତ ହେବ। ମାଲକାନଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମାଲକାନଗିରି ଏବଂ ଚିତ୍ରକୋଣ୍ଡାର ମୋଟ ଭୋଟର ସଂଖ୍ୟା ୪ ଲକ୍ଷ ୨୪ ହଜାର ୪୫୬ ବୋଲି ସୂଚନା ଦିଆଯାଇଛି। ଉପଜିଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁ, ସହକାରୀ ଜିଲାପାଳ ଲଳିତ ମଣ୍ଡଳଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଉପସ୍ଥିତ ଥିଲେ। ସେହିପରି କୋରାପୁଟ ଜିଲା ଜୟପୁର ଉପଜିଲାପାଳ ଦେବବର ପ୍ରଧାନଙ୍କ ଦ୍ୱାରା ଜୟପୁର ଏବଂ କୋଟପାଡ ବିଧାନସଭା ନିର୍ବାଚନମଣ୍ଡଳୀର ଡ୍ରାଫ୍ଟ ଭୋଟର ଲିଷ୍ଟ-୨୦୨୨ ପ୍ରକାଶିତ ହୋଇଛି। ଜାନୁୟାରୀ ପହିଲା ସୁଦ୍ଧା ୧୮ ବର୍ଷ ହେଉଥିବା ବ୍ୟକ୍ତି ତାଲିକାଭୁକ୍ତ ହୋଇପାରିବେ। ଅନ୍‌ଲାଇନ୍ ମାଧ୍ୟମରେ ମଧ୍ୟ ନାମ ସଂଶୋଧନ କରିହେବ ବୋଲି ସୂଚନା ଦିଆଯାଇଛି।

# ଦାଦନ ଦେଇଗଲା ଦାରୁଣ ଦୁଃଖ

**ମାଲକାନଗିରି, ୧।୧୧(ଡି.ଏନ୍.ଏ.)**



- ହାଇଦ୍ରାବାଦରେ କାମ କରୁଥିବା ବଣ୍ଡା ଛାତ୍ର ଗୁରୁତର
- ରକ୍ତ ଦେଇ ଜୀବନ ବଞ୍ଚାଇଲେ ଯୁବକ

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ବଣ୍ଡାଘାଟି ଅଞ୍ଚଳର ୭ମ ଶ୍ରେଣୀରେ ପଢୁଥିବା ଜଣେ ନାବାଳକ ଦାଦନ ଖଟିବାକୁ ହାଇଦ୍ରାବାଦ ଯାଇ ସେଠାରୁ ରୋଗାକ୍ରାନ୍ତ ହୋଇ ଫେରିଛନ୍ତି। ଏବେ ସେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି।

ଖବରରୁ ଜଣାପଡ଼ିଛି ଏହି ବ୍ଲକ ଅନ୍ତର୍ଗତ ଅନ୍ଦ୍ରାହାଲ ପଞ୍ଚାୟତ ଓମ୍‌ଗୁଣ୍ଡା ଗ୍ରାମର ଶୁକ୍ରା ମୁଦୁଲିଙ୍କ ପୁଅ ରବି ମୁଦୁଲି ମାଲକାନଗିରି ସଦର ମହକୁମା ବିରିଗୁଡା ପ୍ରାଥମିକ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପଢୁଥିଲେ। ଗତ ଦୁଇବର୍ଷ ଧରି କରୋନା ମହାମାରୀ ଯୋଗୁ ବିଦ୍ୟାଳୟ ବନ୍ଦ ହେତୁ ସେ ଘରେ ଥିଲେ। ବିଦ୍ୟୁତ୍ ଓ ନେଟ୍‌ୱର୍କ ସମସ୍ୟା ଯୋଗୁ ସେ ଅନ୍‌ଲାଇନ ଶିକ୍ଷାଲାଭ କରିପାରୁ ନ ଥିଲେ। ଏହି ସମୟରେ ତାଙ୍କୁ ଅର୍ଥଲୋଭ ଦେଖାଇ ଜଣେ ଦଲାଲ ହାଇଦ୍ରାବାଦ ନେଇଯାଇ ସେଠାରେ ଏକ କନ୍‌ଷ୍ଟ୍ରକ୍ସନ କାମରେ ଲଗାଇଥିଲେ। ସେଠାରେ ୩ ସପ୍ତାହ କାମ କରିବା ପରେ ଅସୁସ୍ଥ ହୋଇ ଫେରିଥିବା ରବିଙ୍କ ଭାଇ ଏ.ଜି. ସନିଆ ମୁଦୁଲି ଅଭିଯୋଗ କରିଛନ୍ତି। ରବିଙ୍କ ହାତଗୋଡ଼, ଆଣ୍ଠୁ ଫୁଲି ଯନ୍ତ୍ରଣା ହେବାରୁ ସେ କୌଣସି ପ୍ରକାରେ ଗ୍ରାମକୁ ଫେରିଆସିଥିଲେ। ପ୍ରଥମେ ପରିବାର ଲୋକେ ତାଙ୍କୁ ଖଇରପୁଟ ଡାକ୍ତରଖାନାରେ ଏବଂ ପରେ ମାଲକାନଗିରି ଜିଲା ଚିକିତ୍ସାଳୟକୁ ନେଇଥିଲେ। ତାଙ୍କର ରକ୍ତ ଅଭାବ ପଡ଼ିବାରୁ ମାଲକାନଗିରିର ଜଣେ ଯୁବକ ବଳରାମ ତାଙ୍କୁ ରକ୍ତଦାନ କରିଥିଲେ। ବର୍ତ୍ତମାନ ରବିଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ତେବେ ତାଙ୍କୁ ହାଇଦ୍ରାବାଦ କିଏ ନେଇଥିଲେ ରବି ତାଙ୍କ ନାମ କହିପାରୁନାହାନ୍ତି ବୋଲି ଭାଇ ସନିଆ କହିଛନ୍ତି।

# କରାଟେ ପ୍ରତିଯୋଗିତା: କୋରାପୁଟକୁ ୧୩ ପଦକ

**କୋରାପୁଟ, ୧।୧୧(ସ୍ୱ.ପ୍ର.)**

ଗଞ୍ଜାମ ଜିଲା ବାଲୁଗାଁସ୍ଥିତ ଉମାମହେଶ୍ୱର କଲ୍ୟାଣ ମଣ୍ଡପରେ ଆୟୋଜିତ ରାଜ୍ୟସ୍ତରୀୟ ଓପନ କରାଟେ ପ୍ରତିଯୋଗିତାରେ କୋରାପୁଟ ଜିଲାର ପ୍ରତିଯୋଗୀ ୧୩ ପଦକ ଜିତିଛନ୍ତି। ବାଳିକା ବିଭାଗରେ କୁନ୍ଦ ମାଝି ସ୍ୱର୍ଣ୍ଣ ଏବଂ ବ୍ରୋଞ୍ଜ, ସୁହାନି କାର୍ଚ୍ଚି ରୌପ୍ୟ ଓ ବ୍ରୋଞ୍ଜ, ଶ୍ରୀମୟୀ ପାତ୍ର ରୌପ୍ୟ ଓ ବ୍ରୋଞ୍ଜ, ଆର୍. ମୁସ୍କାନ ଚେଟ୍ଟି ୨ଟି ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ବାଳକ ବିଭାଗରେ ଆରୋଦ ଚେଟ୍ଟୀ ସ୍ୱର୍ଣ୍ଣ ଏବଂ ରୌପ୍ୟ, ଦୁର୍ଜନ ମାଝି ସ୍ୱର୍ଣ୍ଣ ଏବଂ ରୌପ୍ୟ, ଦିଲୀପ କୁମାର ଚେଟ୍ଟି ସ୍ୱର୍ଣ୍ଣ ପଦକ ପାଇଥିବା ଏକାଡେମୀ ଅଫ୍ ମାର୍ଶାଲ ଆର୍ଟର ଟିମ୍ ମ୍ୟାନେଜର ଏକାଦେଶୀ ବେହେରା ସୂଚନା ଦେଇଛନ୍ତି। ପ୍ରତିଯୋଗିତାରେ ୨୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥିଭାବେ ଗ୍ରାଣ୍ଡମାଷ୍ଟର କୈଶିକ ସୁଧୀର ବିଶ୍ୱାସ, ସମ୍ମାନିତ ଅତିଥି କ୍ରୀଡ଼ା ଭାରତୀ ଓଡ଼ିଶାର ସାଧାରଣ ସମ୍ପାଦକ ରଘୁନାଥ ସାହୁ, ଅଧ୍ୟାପକ କୈଳାସ ମହାରଣା, ଓଡ଼ିଶା ଆମାଚର କରାଟେ ଆସୋସିଏଶନ ସମ୍ପାଦକ ସିହାନ ଯୋଗେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ଅତିଥିଙ୍କ ଗହଣରେ ପଦକ ପାଇଥିବା ପ୍ରତିଯୋଗୀମାନେ।

# ଆବାସ ଟଙ୍କା ହଡ଼ପ, ଠିକାଦାର ଗିରଫ

**ଝରିଗାଁ ୧।୧୧(ସ୍ୱ.ପ୍ର.)**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଇଚ୍ଛାପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ଗୃହ ନିର୍ମାଣ ନାମରେ ହିତାଧିକାରୀଙ୍କ ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ରବିବାର ଚଚରାପଡ଼ା ଗ୍ରାମର ୩ ହିତାଧିକାରୀ ଝରିଗାଁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଜଣେ ଠିକାଦାରଙ୍କୁ ଗିରଫ କରିଛି। ସେ ହେଲେ ଇଚ୍ଛାପୁର ପଞ୍ଚାୟତର ଚିତ୍ରସେନ ତିୱାରୀ। ସୂଚନା ଅନୁଯାୟୀ, ଚଚରାପଡ଼ାର ୩ ହିତାଧିକାରୀ ଚିତ୍ରସେନ ଧରୁଆ, କର୍ଣ୍ଣ ଧରୁଆ ଏବଂ ରବି ମାଝିଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ସହାୟତାରେ ପକ୍କାଘର ନିର୍ମାଣ ସକାଶେ କାର୍ଯ୍ୟାଦେଶ ମିଳିଥିଲା। ଠିକାଦାର ଚିତ୍ରସେନ ଘର କରିଦେବେ କହି ସମ୍ପୃକ୍ତ ହିତାଧିକାରୀମାନଙ୍କଠାରୁ ଟଙ୍କା ନେଇଥିଲେ ମଧ୍ୟ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ କରୁନାହାନ୍ତି। ଫଳରେ ହିତାଧିକାରୀମାନେ ପକ୍କାଘରେ ରହିବାରୁ ବଞ୍ଚିତ ହୋଇଛନ୍ତି। ଏପରିକି ଘରକାମ ଶୀଘ୍ର ସାରିବାକୁ ହିତାଧିକାରୀମାନେ ବାରମ୍ବାର ଠିକାଦାରଙ୍କୁ କହୁଥିଲେ ମଧ୍ୟ ସେ ଗାଳିଗୁଲଜ କରିବା ସହ ଧମକଚମକ ଦେଉଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଏ ନେଇ ଥାନାରେ ନଂ. ୧୬୦/୨୧ ଏବଂ ନଂ. ୧୬୧/୨୧ ରେ ଦୁଇଟି ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ନଟବର ନନ୍ଦ ସୂଚନା ଦେଇଛନ୍ତି।

# ପୋଷ୍ଟାଲ ଜାଗାରେ ଷ୍ଟଲ୍ ନିର୍ମାଣକୁ ବିରୋଧ

**କାଲିମେଲା, ୧।୧୧(ଡି.ଏନ୍.ଏ.)**

- କୋର୍ଟ ନୋଟିସ ସତ୍ତ୍ୱେ କାମ ଚାଲିଥିବା ଅଭିଯୋଗ
- ରାଜ୍ୟପାଳ, ମନ୍ତ୍ରୀଙ୍କୁ ପତ୍ର ଲେଖିଲେ ବୁଦ୍ଧିଜୀବୀ

ମାଲକାନଗିରି ଜିଲା କାଲିମେଲା ସଦର ଉପଡାକଘର କ୍ୱାର୍ଟର୍ସ ଭାଙ୍ଗି ବ୍ଲକ ପ୍ରଶାସନ ଷ୍ଟଲ୍ ନିର୍ମାଣ କରୁଛି। ପୋଷ୍ଟାଲ ଜମିରେ ଏଭଳି ବେଆଇନ ନିର୍ମାଣ ବିରୋଧରେ ଡାକ ବିଭାଗ କର୍ତ୍ତୃପକ୍ଷ ଆଇନର ଆଶ୍ରୟ ନେଇଥିବାବେଳେ ଜିଲାପାଳ, କାଲିମେଲା ବିଡିଓ ଏବଂ ତହସିଲଦାରଙ୍କୁ ପକ୍ଷଭୁକ୍ତ କରି ବର୍ତ୍ତମାନ ସ୍ଥିତିରେ ସମସ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରଖିବାକୁ କୋର୍ଟ ନୋଟିସ ଜାରି କରିଛନ୍ତି। ତଥାପି କୋର୍ଟ ଆଦେଶଙ୍କୁ ଅଣଦେଖା କରି ସ୍ଥାନୀୟ ବ୍ଲକ ପ୍ରଶାସନ କାମ କରୁଛି। ଏହାକୁ ନେଇ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଏ ସଂକ୍ରାନ୍ତରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ରାଜ୍ୟପାଳ ଏବଂ କେନ୍ଦ୍ରମନ୍ତ୍ରୀଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ଡାକ ବିଭାଗ ତଥ୍ୟ ଅନୁଯାୟୀ, ୧୯୯୨ରୁ ଖାତା ନଂ. ୬୫୫, ପ୍ଲଟ୍ ନଂ. ୧୨୯୯, ଏରିଆ ୦.୦୨୫୦ ବିଶିଷ୍ଟ ଉକ୍ତ ଜମି ଡାକ ବିଭାଗ ନାମରେ ରହିଛି। ଗତ ମେ ୧୩ରେ ତହସିଲ ପ୍ରଶାସନ ପକ୍ଷରୁ ଏ ସଂକ୍ରାନ୍ତରେ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ତେବେ ଡାକଘର ଜରାଜୀର୍ଣ୍ଣ ହୋଇପଡ଼ିଥିବାରୁ ଅନ୍ୟ ଏକ ସ୍ଥାନରେ ଭଡ଼ାଘରେ କାର୍ଯ୍ୟାଳୟ ଚାଲୁଛି। ତେବେ ଉକ୍ତ ଜମି ଏବଂ କ୍ୱାର୍ଟର୍ସ ଉପରେ ବ୍ଲକ ପ୍ରଶାସନ ଅଧିକାର ସାବ୍ୟସ୍ତ କରୁଛି। ଅନ୍ୟପଟେ ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି, ଅବସରପ୍ରାପ୍ତ ପୋଷ୍ଟମାଷ୍ଟର ନନିଗୋପାଳ ବିଶ୍ୱାସ ଏବଂ କାର୍ଯ୍ୟରତ ଶାଖା ପୋଷ୍ଟ ମାଷ୍ଟର ଚନ୍ଦ୍ରଶେଖର ସାହୁ ଉକ୍ତ ଜମିକୁ ନିଜ ଦଖଲରେ ରଖିଥିବା ଅଭିଯୋଗ ହୋଇଥିଲା। ଏହାର ଅନୁଧ୍ୟାନ କରାଯାଇ ବ୍ଲକ କାର୍ଯ୍ୟାଳୟର ଚିଠି ସଂଖ୍ୟା ୫୨୬ ଅନୁଯାୟୀ ଗତ ଫେବୃୟାରୀ ୧୧ରେ ନୋଟିସ ଜାରି କରାଯାଇଥିଲା। ଉଭୟେ ଏହି ନୋଟିସକୁ ଗ୍ରହଣ ନ କରିବାରୁ ଭଡ଼ା ବାବଦରେ ୧୦ ଲକ୍ଷ ୪୪ ହଜାର ଟଙ୍କା ଜରିମାନା କରାଯାଇଥିଲା। ଅନ୍ୟପଟେ ବ୍ଲକ ପ୍ରଶାସନ ବିନା ଅନୁମତିରେ ବାସଗୃହ ଭାଙ୍ଗି ସେଠାରେ ମାର୍କେଟ କମ୍ପ୍ଲେକ୍ସ ତିଆରି କରୁଥିବା ଗ୍ରାମବାସୀ କହିଛନ୍ତି। ଏ ନେଇ ଅଞ୍ଚଳର ସାମାଜିକ କର୍ମୀ ଭବାନୀ ଶଙ୍କର ମୁଖାର୍ଜୀ ଟୁଇଟ୍‌କରି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ରାଜ୍ୟପାଳ ଏବଂ କେନ୍ଦ୍ର ଡାକ ମନ୍ତ୍ରଣାଳୟକୁ ଜଣାଇଛନ୍ତି। ଏଥିସହ ଗତ ମେ ୧୫ରେ ଏସ୍‌ପି, ଜିଲାପାଳଙ୍କୁ ମଧ୍ୟ ଅବଗତ କରାଯାଇଥିବା ଲଳିତ ମାଡକାମୀ, ପ୍ରଦୀପ ବରାଡ, ମମତା ଦାସ, ରବିନ୍ଦର ମହାନ୍ତି, ତପନ ପାଲ, ଦୁର୍ଗା ପୂଜାରୀ ପ୍ରମୁଖ କହିଛନ୍ତି। ଅପରପକ୍ଷେ ବ୍ଲକ ପ୍ରଶାସନ ମିଥ୍ୟା ଆରୋପ ଲଗାଇଥିବା କାର୍ଯ୍ୟରତ ଶାଖା ପୋଷ୍ଟମାଷ୍ଟର ସାହୁ କହିଛନ୍ତି। ଏହାର ପ୍ରତିବାଦରେ ସେ ମାଲକାନଗିରି ସିଭିଲ୍ ଜଜ୍‌ଙ୍କ କୋର୍ଟରେ ମାମଲା ରୁଜୁ କରିଛନ୍ତି। କୋର୍ଟ ମାଲକାନଗିରି ଜିଲାପାଳ, କାଲିମେଲା ବିଡିଓ ଏବଂ ତହସିଲଦାରଙ୍କୁ ପକ୍ଷଭୁକ୍ତ କରି ଷ୍ଟଲ ନିର୍ମାଣ କାର୍ଯ୍ୟ ବନ୍ଦ ରଖିବାକୁ ନୋଟିସ ଜାରି କରିଛନ୍ତି। ଅନ୍ୟପଟେ ଷ୍ଟଲ୍ ନିର୍ମାଣ ନେଇ କୌଣସି କାର୍ଯ୍ୟାଦେଶ ଦିଆଯାଇ ନ ଥିବା ବ୍ଲକ କନିଷ୍ଠ ଯନ୍ତ୍ରୀ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ ସ୍ପଷ୍ଟ କରିଛନ୍ତି। ତଥାପି କେଉଁ ପରିସ୍ଥିତିରେ କାମ ଚାଲିଛି, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିରେ ଜିଲା ପ୍ରଶାସନ ହସ୍ତକ୍ଷେପ କରି ତୁରନ୍ତ ଷ୍ଟଲ କାର୍ଯ୍ୟ ବନ୍ଦ କରିବାକୁ ଦାବି ହେଉଛି।


ବ୍ଲକ ପ୍ରଶାସନ ପକ୍ଷରୁ ନିର୍ମାଣ କାର୍ଯ୍ୟ ଚାଲିଛି।

## ଚୋରି ବାଇକ୍ ଜବତ, ୨ ଗିରଫ

**ବିଷମକଟକ, ୧।୧୧(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ବିଷମକଟକ ଥାନା ଅନ୍ତର୍ଗତ ଚାଟିକୋଣା ସାପ୍ତାହିକ ହାଟରୁ ଗତ ସେପ୍ଟେମ୍ବର ୨୩ରେ ଚୋରି ହୋଇଥିବା ବାଇକ୍‌କୁ ପୋଲିସ ଜବତ କରିଛି। ଏହି ଘଟଣାରେ ଜଗନ୍ନାଥପୁର ଗ୍ରାମର ଶଶିଗିରି ବିଡିକା ଏବଂ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ୍ ଜିଲା ବାଡିଲି ଗ୍ରାମର ଏନ୍. ଉପେନ୍ଦ୍ରଙ୍କୁ ପୋଲିସ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ଗୁଣୁପୁର ଆର୍‌ଏମ୍‌ସିର କାର୍ଯ୍ୟରତ କର୍ମଚାରୀ ଟୁଟୁ ପଟ୍ଟନାୟକଙ୍କ ବାଇକ୍ (ନଂ. ଓଡ଼ି ୧୮-୮୧୯୨) ହାଟରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। କୌଣସି ସୂତ୍ରରୁ ସୂଚନା ପାଇ ଏଏସ୍‌ଆଇ ରୋଜାଲିନ ନାୟକଙ୍କ ନେତୃତ୍ୱରେ ପୋଲିସ ଜଗନ୍ନାଥପୁର ଗ୍ରାମରେ ଚଢ଼ାଉ କରି ବାଇକ୍ ଜବତ କରିଥିଲା। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ସୁବାସ ଚନ୍ଦ୍ର କରକରିଆ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ୧୫ ପର୍ଯ୍ୟନ୍ତ କୋର୍ଟ କାର୍ଯ୍ୟ ବନ୍ଦ ନିଷ୍ପତ୍ତି

**ଗୁଣପୁର,୧।୧୧(ଡି.ଏନ୍.ଏ.):** ରାୟଗଡ଼ା ଜିଲା ଗୁଣପୁର ଓକିଲ ସଂଘର ସୋମବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଓକିଲ ସଂଘର ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକଙ୍କ ଅଧକ୍ଷତାରେ ହୋଇଥିବା ବୈଠକରେ ୧୫ ତାରିଖ ପର୍ଯ୍ୟନ୍ତ କୋର୍ଟ କାର୍ଯ୍ୟ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। କରୋନା ମହାମାରିକୁ ଦୃଷ୍ଟିରେ ରଖି ଓକିଲ ସଂଘ ପକ୍ଷରୁ ଏହି ନିଷତ୍ତି ନିଆଯାଇଛି। ପରିସ୍ଥିତି ଦେଖି ପୁଣି ବୈଠକ କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ଦିଆଯାଇଛି। ଓକିଲ ସଂଘର ସମ୍ପାଦକ ଇନ୍ଦ୍ରାକ୍ଷୀ ପ୍ରସାଦ ଦାସଙ୍କ ସମେତ ବରିଷ୍ଠ ଏବଂ କନିଷ୍ଠ ଆଇନଜୀବୀ ମାନେ ବୈଠକରେ ଉପସ୍ଥିତ ଥିଲେ।

### ଦୁର୍ନୀତି ନିବାରଣ ସପ୍ତାହ ପାଳିତ

**କୋଡ଼ିଙ୍ଗା(ଡି.ଏନ୍.ଏ):** ନବରଙ୍ଗପୁର ଜିଲା କୋଡ଼ିଙ୍ଗା ରାଜ ଚଉଁରିଆ ମହାବିଦ୍ୟାଳୟରେ ଏନ୍ଏସ୍ଏସ୍ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅନୁଷ୍ଠାନର ଅଧକ୍ଷା ଅମିତା ରାୟ ଯୋଗଦେଇ କେନ୍ଦ୍ର ସରକାରଙ୍କ ସ୍ୱଚ୍ଛତାର ମୂଳମନ୍ତ୍ରକୁ ଆଧାର କରି ଦୁର୍ନୀତିକୁ ପ୍ରଶ୍ରୟ ନ ଦେବା ପାଇଁ ଶପଥ ନେଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ରବି ନାରାୟଣ ପାଣିଗ୍ରାହୀ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ।

### 'ଦୁର୍ନୀତି ବିକାଶରେ ବାଧକ'

**ମାଲକାନଗିରି, ୧।୧୧(ଡି.ଏନ୍.ଏ.):** ଦୁର୍ନୀତି ହେଉଛି ଏକ କୀଟ, ଯାହା ଗୋଟିଏ ବ୍ୟବସ୍ଥାକୁ ରୁଗ୍ଣ କରିଦିଏ। ବିଭିନ୍ନ ପଦକ୍ଷେପ, କାର୍ଯ୍ୟାନୁଷ୍ଠାନ, ସଚେତନତା ସତ୍ତ୍ୱେ ରାଜ୍ୟରେ ଦୁର୍ନୀତି ବଢ଼ିବାରେ ଲାଗିଛି। ଫଳରେ ରାଜ୍ୟ ତଥା ଦେଶର ପ୍ରଗତିରେ ବାଧା ସୃଷ୍ଟି ହେଉଛି। ଏହାର କୁପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡୁଛି। ଦୁର୍ନୀତିରେ ଲିପ୍ତ ବ୍ୟକ୍ତି କୌଣସି ପରିସ୍ଥିତିରେ ଛାଡ଼ ପାଇବେ ନାହିଁ। ସେମାନଙ୍କୁ ଗିରଫ କରାଯିବ। ଆବଶ୍ୟକସ୍ଥଳେ ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତି କରାଯିବ ବୋଲି ମାଲକାନଗିରି ଜିଲା ଡିଆର୍ଡିଏ ସମ୍ମିଳନୀ କକ୍ଷରେ ସୋମବାର ଆୟୋଜିତ ଦୁର୍ନୀତି ନିବାରଣ ସପ୍ତାହ ଉଦ୍ଯାପନୀ ଦିବସରେ ମତପ୍ରକାଶ ପାଇଛି। ଡିଆର୍ଡିଏ ପିଡି ବାଲମୁକୁନ୍ଦ ଭୂୟାଁଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ଦଶରଥ ପଡ଼ିଆମୀ, ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ସିଡିଏମ୍ଓ ପ୍ରଫୁଲ୍ଲ କୁମାର ନନ୍ଦ, ଦୁର୍ନୀତି ନିର୍ବାରଣ ବିଭାଗ ଡିଏସପି ସୁଶାନ୍ତ କୁମାର ବିଶ୍ୱାଳଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ତୃଣମୂଳସ୍ତରରୁ କିଭଳି ଦୁର୍ନୀତି ରୋକାଯାଇପାରିବ ସେ ସମ୍ପର୍କରେ ଡିଏସ୍ପି ଗୁରୁତ୍ୱାରୋପ କରିଥିଲେ। ଶେଷରେ ଜିଲା ପରିଷଦ ଅଧକ୍ଷ ସମସ୍ତଙ୍କୁ ଶପଥପାଠ କରାଇଥିଲେ।

### ପରିତୋଷିକ ବୃଦ୍ଧି ନେଇ କନିଷ୍ଠ ଶିକ୍ଷକଙ୍କ ସ୍ମାରକପତ୍ର

**ଧରାକୋଟ,୧।୧୧(ଡି.ଏନ୍.ଏ.):** ଧରାକୋଟ ବ୍ଲକର କନିଷ୍ଠ ଶିକ୍ଷକମାନଙ୍କ ପାରିତୋଷିକ ବୃଦ୍ଧି ଏବଂ ଚୁକ୍ତିଭିତ୍ତିକ ନିୟମରେ ଅନ୍ତର୍ଭୁକ୍ତ ପାଇଁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସ୍ଥାନୀୟ ବିଡିଓ ଓ ବିଇଓଙ୍କୁ ପ୍ରଦାନ କରାଯାଇଛି। ଦୀର୍ଘ ଚାରି ବର୍ଷ ଧରି କନିଷ୍ଠ ଶିକ୍ଷକମାନେ ସରକାରୀ କାର୍ଯ୍ୟରେ ଯୋଗଦେଇଥିଲେ ମଧ ଦରମା ବୃଦ୍ଧି ନ ହେବା ଏବଂ ଗତ ୧।୧ରେ କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତିର ସୁବିଧା ସୁଯୋଗ ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ତୁରନ୍ତ ପ୍ରଦାନ କରିବା, କନିଷ୍ଠ ଶିକ୍ଷକ, ଶିକ୍ଷୟିତ୍ରୀ ଅତି କୁଶଳୀ ହୋଇଥିବାରୁ ସର୍ବନିମ୍ନ ଦରମା ୧୬ହଜାର ଟଙ୍କା ପ୍ରଦାନ କରିବା ସହ ଏହାକୁ ପିଛିଲା ଭାବେ ୨୦୧୬ରୁ ଲାଗୁ କରିବା ପାଇଁ ସଂଘର ଦାବି ରହିଛି । ଦାବି ପୂରଣ ନ ହେଲେ ସଂଘ ରାଜ ରାସ୍ତାକୁ ଓହ୍ଲାଇବା ସହ ଭୁବନେଶ୍ୱରସ୍ଥିତ ସଚିବାଳୟ ସମ୍ମୁଖରେ ଦାବି ପୂରଣ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କନିଷ୍ଠ ଶିକ୍ଷକ, ଶିକ୍ଷୟିତ୍ରୀ ସଂଘର ସଭାପତି ତୁଷାରକାନ୍ତ ମଲ୍ଲିକ, ସମ୍ପାଦକ ପ୍ରଦୀପ କୁମାର ନାୟକ, ଉପସଭାପତି ଗୁରୁ ଚରଣ ସ୍ୱାଇଁ ମିଳିତ ବିବୃତି ରଖିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ସ୍ତରର କାର୍ଯ୍ୟରତ ୨୧ ଜଣ କନିଷ୍ଠ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ।

# ଦରବୃଦ୍ଧି ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଲା ମହିଳା ବିଜେଡି

ରାୟଗଡ଼ା ଅଫିସ/ନବରଙ୍ଗପୁର, ୧।୧୧(ବି.ପ୍ର.)

ଅତ୍ୟାବଶ୍ୟକ ସାମଗ୍ରୀ ଦରବୃଦ୍ଧିରେ ଲଗାମ ଲାଗୁନି। ଏହାକୁ ନେଇ ରାଜ୍ୟ ବିଜେଡି ଡାକରାରେ ସୋମବାର ମହିଳା ବିଜେଡି ଦଳ ପକ୍ଷରୁ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ବିକ୍ଷୋଭ ଓ ପ୍ରତିବାଦ କରାଯାଇଛି। ଏହି ପରିପେକ୍ଷୀରେ ରାୟଗଡ଼ା ଜିଲା ମହିଳା ବିଜେଡି ପକ୍ଷରୁ ଅଭିନବ ଉପାୟରେ ବିକ୍ଷୋଭ ଓ ପ୍ରତିବାଦ କରାଯାଇଛି। ମହିଳା ବେଜେଡି ସଭାନେତ୍ରୀ ଅନୁସୟା ମାଝିଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ କର୍ମୀ ସହରର ଗଜପତି ଛକ ନିକଟରେ ଧାରଣାରେ ବସିଥିଲେ। ଗ୍ୟାସ୍ ସିଲିଣ୍ଡର ବଦଳରେ କାଠ ଚୁଲିରେ ରୋଷେଇ କରି କେନ୍ଦ୍ର ସରକାରଙ୍କ ଅନିୟନ୍ତ୍ରିତ ଦରବୃଦ୍ଧିର ପ୍ରତିବାଦ କରିଥିଲେ। ପରେ ଶତାଧିକ ମହିଳା ଓ ପୁରୁଷ କର୍ମୀ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ


ରାୟଗଡ଼ା ମହିଳା ବିଜେଡିର ପ୍ରତିବାଦ।

କାର୍ଯ୍ୟାଳୟରେ ପହଞ୍ଚିବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। କେନ୍ଦ୍ର ସରକାର ଦେଶବାସୀଙ୍କୁ ସୁନେଲି ସ୍ୱପ୍ନ ଦେଖାଇ ଲୁଟୁଛନ୍ତି ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ଅତ୍ୟାବଶକ ସାମଗ୍ରୀ ଦର ହ୍ରାସ ନ କଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଜିଲା ବିଜେଡି ସଭାପତି ସୁଧୀର ଦାଶ, ଯୁବ ବିଜେଡି ସଭାପତି ଦେବାଶିଷ ଖାଡ଼ଙ୍ଗାଙ୍କ ସମେତ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।

ସେହିପରି ନବରଙ୍ଗପୁର ଜିଲା ଡାବୁଗାଁ ନିବାଚନ ମଣ୍ଡଳୀର ଶତାଧିକ ମହିଳା କର୍ମୀ ପାପଡ଼ାହାଣ୍ଡି ବ୍ଲକ କାର୍ଯ୍ୟାଳୟ ଘେରାଉ କରିବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ଜରିଆରେ ଏକ


ନବରଙ୍ଗପୁରରେ ହୋଇଥିବା ବିକ୍ଷୋଭ କାର୍ଯ୍ୟକ୍ରମରେ ବିଜେଡି କର୍ମୀମାନେ।

ଦାବିପତ୍ର ପ୍ରଦାନ କରିଛନ୍ତି। ପାପଡ଼ାହାଣ୍ଡି ନୀଳକଣ୍ଠେଶର ମନ୍ଦିର ନିକଟରୁ ଶତାଧିକ ମହିଳା ଶୋଭାଯାତ୍ରାରେ ବାହାରି କେନ୍ଦ୍ର ସରକାର ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ପାପଡ଼ାହାଣ୍ଡି ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେଠାରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ନବରଙ୍ଗପୁର ଏମ୍ପି ରମେଶ ଚନ୍ଦ୍ର ମାଝି, ଡାବୁଗାଁ ବିଧାୟକ ମନୋହର ରନ୍ଧାରି, ରାଜ୍ୟ ମହିଳା ବିଜେଡି କାର୍ଯ୍ୟକାରୀ ସଭାପତି ନିବେଦିତା ପଟ୍ଟନାୟକ, ନବରଙ୍ଗପୁର ଜିଲା ବିଜେଡି ମହିଳା ସଭାନେତ୍ରୀ ମଞ୍ଜୁଳା ମାଝି, ଜିଲା ପରିଷଦ ଅଧକ୍ଷା ଭଗବତୀ ଭତରା, ପୂର୍ବତନ ଆଦିବାସୀ ବିକାଶ ପରିଷଦ ଅଧକ୍ଷ ମୋତିରାମ ନାୟକ ପ୍ରମୁଖ ଉପସ୍ଥିତ ରହି ଦରଦାମ ବୃଦ୍ଧି ପ୍ରତିବାଦରେ କେନ୍ଦ୍ର ସରକାରଙ୍କ ବିରୋଧରେ ବର୍ଷିଥିଲେ।

# କେଜିବିଭି ହଷ୍ଟେଲରୁ ଲୁଚି ପଳାଇଲେ ୨୯ ଛାତ୍ରୀ

ଚନ୍ଦ୍ରପୁର,୧।୧୧(ଡି.ଏନ୍.ଏ.)

- ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ନିଷ୍ପତ୍ତିକୁ ବିରୋଧ
- ଦିନକ ପରେ ପୋଲିସ କଲା ଉଦ୍ଧାର

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ା ସଦରସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ(କେଜିବିଭି)ର ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ନିଷ୍ପତ୍ତିକୁ ବିରୋଧକରି ହଷ୍ଟେଲରେ ଥିବା ୨୯ ଅନ୍ତେବାସୀ ରବିବାର ରାତିରେ ଲୁଚି ପଳାଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ପୋଲିସ ସହାୟତାରେ ଛାତ୍ରୀମାନଙ୍କୁ ଖୋଜାଖୋଜି କରି ବିଫଳ ହୋଇଥିଲେ। ସୋମବାର ସନ୍ଧ୍ୟାରେ ସେମାନଙ୍କୁ ଡାଙ୍ଗସୋରଡ଼ା ପଞ୍ଚାୟତର କୋଲାଗୁଡ଼ି ଗ୍ରାମରୁ ଉଦ୍ଧାର କରିଛି। ଛାତ୍ରୀମାନେ ହଷ୍ଟେଲ ଛାଡ଼ିବା ପୂର୍ବରୁ ଏକ ଚିଠି ଲେଖି କୋଠରିରେ ଛାଡ଼ିଯାଇଥିଲେ। ଏଥିରେ ସେମାନଙ୍କ ଦସ୍ତଖତ ମଧ ରହିଛି। ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ନିଷ୍ପତ୍ତିକୁ ସେମାନେ ବିରୋଧ କରୁଥିବା ଚିଠିରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ରବିବାର ରାତିରେ ଛାତ୍ରୀମାନେ ନ ମିଳିବା ପରେ ସୋମବାର ବିଇଓ, ସହକାରୀ ଶିକ୍ଷାଧିକାରୀ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପହଞ୍ଚି ତଦନ୍ତ ଜାରି ରଖିଥିଲେ। ନିକଟସ୍ଥ ଜଙ୍ଗଲ ପଛପଟେ ଅନେକ ଗାଁ ରହିଥିବାରୁ କୌଣସି ଗାଁରେ ଛାତ୍ରୀମାନେ ଲୁଚିଥିବା ଅନୁମାନ କରି ପୋଲିସ ଖୋଜାଖୋଜି କରି ଉଦ୍ଧାର କରିବାରେ ସଫଳ ହୋଇଥିଲା। ତେବେ ହଷ୍ଟେଲରୁ ରାତିରେ ୨୯ ଛାତ୍ରୀ ଚାଲିଯିବା ବିଷୟରେ ଦାୟିତ୍ୱରେ ଥିବା କର୍ମଚାରୀ କିପରି ଜାଣିପାରିଲେ ନାହିଁ ତାହାକୁ ନେଇ ପ୍ରଶ୍ନ ଉଠିଛି। ଏ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, ହଷ୍ଟେଲରେ ୱାର୍ଡେନ୍ କିମ୍ବା ରାତ୍ରୀ ଜଗୁଆଳି ନାହାନ୍ତି। ପ୍ରାର୍ଥନା ସମୟରେ ଛାତ୍ରୀମାନେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳିକୁ ନେଇ ଆଲୋଚନା କରିଥିଲେ। ଅନ୍ୟ ଜଣେ ପ୍ରଧାନ ଶିକ୍ଷୟିତ୍ରୀ ଆସିଲେ ସେଭଳି କୌଣସି ଅସୁବିଧା ହେବନାହିଁ ବୋଲି ବୁଝାଶୁଝା କରାଯାଇଥିଲା। କିନ୍ତୁ ଛାତ୍ରୀମାନେ ରାତିରେ କାହାକୁ ନ ଜଣାଇ ରାତିରେ ଚାଲିଯାଇଥିଲେ ବୋଲି ସେ କହିଛନ୍ତି।

# ପଦୋନ୍ନତି ଦାବିରେ ବିଇଓଙ୍କୁ ଦାବିପତ୍ର ଦେଲେ ଶିକ୍ଷକ

ଉମରକୋଟ,୧।୧୧(ସ୍ୱ.ପ୍ର.)

ପଦୋନ୍ନତି ଦାବିରେ ନବରଙ୍ଗପୁର ଜିଲା ଉମରକୋଟ ଶିକ୍ଷକ ସମାଜ ପକ୍ଷରୁ ବିଇଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ସ୍ୱଚ୍ଛ ଓ ନିର୍ମଳ ଭାବେ ଜିଲା ସ୍ତରରେ ହେବାକୁ ଥିବା ପଦୋନ୍ନତିକୁ ଅନିର୍ଦ୍ଦିଷ୍ଟ କାଳ ଯାଏ ସ୍ଥଗିତ ରଖି ଉମରକୋଟ ବ୍ଲକର ୪୦୦ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ପଦୋନ୍ନତି ବନ୍ଦ ହୋଇଛି। ଏଥିଯୋଗୁ ଅନ୍ୟ ଜିଲା ତୁଳନାରେ ଏଠାକାର ଶିକ୍ଷକମାନେ କନିଷ୍ଠ ହେଇଯାଇଛନ୍ତି। ରାଜ୍ୟସ୍ତରରେ ଏବିଇଓ ପଦବୀ ପାଇଁ ଆଗାମୀ ଦିନରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଶିକ୍ଷକମାନେ ଅଭିଯୋଗ କରିଛନ୍ତି। ଏଥିରେ ସମସ୍ତ ବର୍ଗର ଗୁରୁଜୀ, ଗୁରୁମା ଉପସ୍ଥିତ ରହି କ୍ଷୋଭ ପ୍ରକାଶ କରିଥିଲେ। ପ୍ରକାଶଯୋଗ୍ୟ, ଅକ୍ଟୋବର ୩୦, ୩୧ ଓ ୧ରେ ଥିବା କାଉନ୍ସେଲିଂରେ ସ୍ୱଚ୍ଛତା ରହିବ ବୋଲି ଆଶା ଓ ପଦୋନ୍ନତି ପାଇଁ ଶିକ୍ଷକମାନେ ଖୁସି ଥିଲେ। ବିନା ଚିଠିରେ ବ୍ଲକ ସ୍ତରରେ କାଉନ୍ସେଲିଂ ପାଇଁ ଦାବିକରି ଅଡି ବସିବା ଓ ଜିଲା ପ୍ରଶାସନ ମାନିନେବା ଏବଂ ଶିକ୍ଷା ନିର୍ଦ୍ଦେଶକଙ୍କୁ ପତ୍ର ଲେଖିବା ଆଶ୍ଚର୍ଯ୍ୟ ଲାଗୁଛି ବୋଲି ଶିକ୍ଷକମାନେ ପ୍ରକାଶ କରିଛନ୍ତି। ତୁରନ୍ତ ପଦୋନ୍ନତି ଦେଇ ସରକାରୀ ନିର୍ଦ୍ଦେଶ ମାନି ଶିକ୍ଷକଙ୍କ ଦାବି ପୂରଣ କରନ୍ତୁ ବୋଲି ସେମାନେ କହିଛନ୍ତି। ଦାବିପତ୍ର ପ୍ରଦାନବେଳେ ସନଧର ମାଝି, ଅରୁଣ ବେହେରା, ପ୍ରବୀଣା ଶତପଥୀ, ଦେବୀ ପଟ୍ଟନାୟକ, ସୁନୀଲ ନାୟକ, ନରେଶ ପଟ୍ଟନାୟକ, ଯମୁନା ବିଶ୍ୱାସ, ଗଣେଶ ପ୍ରସାଦ ରଣାଙ୍କ ସମେତ ଶତାଧିକ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ରହି ଦାବି ଜଣାଇଛନ୍ତି।

# ଆତ୍ମହତ୍ୟା ଉଦ୍ୟମ କରିଥିବା ନାବାଳିକା ମୃତ

## ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ ଧମକ

ପଡ଼ିଆ,୧।୧୧(ଡି.ଏନ୍.ଏ.)

ମୃତ୍ୟୁ ସହ ୨୦ଦିନର ସଂଘର୍ଷ। ଶେଷରେ ଆଖି ବୁଜିଛନ୍ତି ପ୍ରେମ ପ୍ରତାରଣାର ଶିକାର ହୋଇ ଆତ୍ମହତ୍ୟା ଉଦ୍ୟମ କରିଥିବା ନାବାଳିକା। ଏଭଳି ଦୁଃଖଦ ଘଟଣା ଘଟିଛି ମାଲକାନଗିରି ଜିଲା ଏମ୍ଭି-୭୯ ଥାନା ଅଞ୍ଚଳରେ। ମୃତ ନାବାଳିକାଙ୍କ ପରିବାରର ଅଭିଯୋଗକ୍ରମେ ପୋଲିସ ଏମ୍ଭି-୧୪ ଗ୍ରାମର ଅଭିଯୁକ୍ତ ପ୍ରେମିକ ବିଳାସ ବୈଦ୍ୟ (୨୪)ଙ୍କୁ ଗିରଫ କରିଥିଲା। ପୀଡ଼ିତାଙ୍କ ମୃତ୍ୟୁ ପରେ ମାମଲାର ମୋଡ଼ ବଦଳିଥିବାର ବିଭିନ୍ନ ଦିଗକୁ ନେଇ ପୋଲିସ ତଦନ୍ତ ପରିସର ବଢ଼ାଇଛି। ଏମ୍ଭି-୭୯ ଥାନାଧିକାରୀ ଜୟପ୍ରକାଶ ନାରାୟଣଙ୍କ କହିବା କଥା, ବିଳାସ ଏବଂ ସମ୍ପୃକ୍ତ ୧୭ବର୍ଷୀୟା ନାବାଳିକା ୪ ବର୍ଷ ହେଲା ପରସ୍ପରକୁ ପ୍ରେମ କରୁଥିଲେ। ଦୁହେଁ ବିବାହ କରିବାକୁ ମନସ୍ଥ କରିଥିଲେ। ହେଲେ ପରିବାର ଲୋକଙ୍କ ଆକଟ ପାଇଁ ପଛକୁ ହଟିଗଲେ ପ୍ରେମିକା। ଏଥିରେ ପ୍ରତିଶୋଧ ପରାୟଣ ହୋଇପଡ଼ିଥିବା ପ୍ରେମିକ ଉଭୟଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ କରିବାକୁ ଧମକ ଦେଲେ। ଫଳରେ ଭୟଭୀତ ହୋଇ ନାବାଳିକା ଜଣକ ଗତ ୧୦ ତାରିଖରେ ଘାସମରା ବିଷ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେ ସୁସ୍ଥ ହେବା ପରେ ଘରକୁ ଆଣିଥିଲେ। ଏ ନେଇ ଥାନାରେ ଗତ ଅକ୍ଟୋବର ୧୮ରେ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ୨୦ ତାରିଖରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତେବେ କିଛିଦିନ ପରେ ନାବାଳିକାଙ୍କ ଶରୀରରେ ବିଷର ପ୍ରଭାବ ଦେଖିବାକୁ ମିଳିଥିଲା। ଅବସ୍ଥା ଗୁରୁତର ହୋଇପଡ଼ିବାରୁ ତାଙ୍କୁ ପର୍ଯ୍ୟାୟକ୍ରମେ କାଲିମେଳା, ମାଲକାନଗିରି, କୋରାପୁଟ ଏବଂ ବିଶାଖାପାଟଣାରେ ଚିକିତ୍ସା କରାଇଥିଲେ। ହେଲେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ଆସିବାରୁ ବିଶାଖାପାଟଣାର ଡାକ୍ତର ଘରକୁ ଫେରାଇ ଦେଇଥିଲେ। ଗତ ରବିବାର ରାତିରେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ ପରେ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ଥାନାଧିକାରୀ ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ମାମଲାର ତଦନ୍ତ କରାଯାଉଛି।

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଝରିଗାଁ୧।୧୧(ସ୍ୱ.ପ୍ର.)

ପେଟ୍ରୋଲ, ଡିଜେଲ ଏବଂ ଏଲ୍ପିଜି ଗ୍ୟାସ ସମେତ ଅତ୍ୟାବଶକ ସାମଗ୍ରୀ ଦରବୃଦ୍ଧି ପ୍ରତିବାଦରେ ନବରଙ୍ଗପୁର ଜଲା ଝରିଗାଁ ବ୍ଲକ ସଦରଠାରେ ମହିଳା ବିଜେଡି ପକ୍ଷରୁ ସୋମବାର ଏକ ପ୍ରତିବାଦ ଶୋଭାଯାତ୍ରା କରାଯିବା ସହ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ଅତ୍ୟାବଶ୍ୟକ ସାମଗ୍ରୀ ଦରବୃଦ୍ଧିକୁ ରୋକିବା ନିମନ୍ତେ ଏକ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓ ବିଶ୍ୱନାଥ ରାଉତଙ୍କୁ ପ୍ରଦାନ କରାଯାଇଛି। ବ୍ଲକ ମହିଳା ବିଜେଡି ସଭାପତି ଲଛମା


ଏବିଡିଓ ଦାବିପତ୍ର ଗ୍ରହଣ କରୁଛନ୍ତି।

ଗଣ୍ଡ, ବାସନ୍ତି ଗଣ୍ଡ, ଏମ୍ପିଙ୍କ ଜିଲା ପ୍ରତିନିଧି ପ୍ରମୋଦ କୁମାର ପାଢ଼ୀ, ବ୍ଲକ ସଭାପତି ଉଦୟନାଥ ନାୟକ, ଏମ୍ପିଙ୍କ ବ୍ଲକ ପ୍ରତିନିଧି ପ୍ରିୟରଞ୍ଜନ ଦାସ, ବିଧାୟକଙ୍କ ବ୍ଲକ ପ୍ରତିନିଧି ରାମଧର ମାଝି, ବ୍ଲକ ଅଧକ୍ଷା ରମୁଲା ଗଣ୍ଡ, ଆମ୍ା ସଭାପତି ଟିକେ ମାଝି, ଜିଲା ପରିଷଦ ସଭ୍ୟ ମୋହନ ନାୟକ, ବ୍ଲକ ଯୁବ ବିଜେଡି ସଭାପତି ଦୁର୍ଗାପ୍ରସାଦ ମାଝି, ଛାତ୍ର ବିଜେଡି ସଭାପତି ପିଙ୍କୁ କାହାଳିଆ, ଡିଜିଟାଲ୍ ସମ୍ପାଦକ ଅସିତ୍ ମହାନ୍ତି ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଲେ କନିଷ୍ଠ ଶିକ୍ଷକ

ଟିକିରି,୧।୧୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କାଶୀପୁର ବିଡିଓଙ୍କୁ ପ୍ରଦାନ କରାଯାଇଛି। ଶିକ୍ଷକ ସଂଘ ପକ୍ଷରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ପ୍ରଦାନ କରାଯାଇଥିଲା। ରାଜ୍ୟସ୍ତରୀୟ ବୈଠକରେ ନିଆଯାଇଥିବା ନିଷ୍ପତ୍ତିର ସମସ୍ତ ସୁବିଧା ସୁଯୋଗ ଚୁକ୍ତିଭିତିକ କନିଷ୍ଠ ଶିକ୍ଷକ ମାନଙ୍କୁ ପ୍ରଦାନ କରିବା ସହିତ ଚୁକ୍ତିନାମା ନିୟମ ୨୦୧୩ରେ ସାମିଲ କରିବା ନିମନ୍ତେ ସେମାନେ ଦାବି କରିଛନ୍ତି। ଏଥିସହ ସର୍ବନିମ୍ନ ୧୬ ହଜାର ଟଙ୍କା ଦରମା ୨୦୧୬ ରୁ ଲାଗୁ କରିବା ନିମନ୍ତେ ଦାବି ହୋଇଛି। ଶୀଘ୍ର ଦାବି ପୂରଣ ନ ହେଲେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନବେଳେ କାଶୀପୁର କନିଷ୍ଠ ଶିକ୍ଷକ ସଂଘର ସଭାପତିଙ୍କ ସମେତ ସମସ୍ତ କନିଷ୍ଠ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।

# ମୁଣ୍ଡମରାଇରେ କୋଠିଶାଳ ପର୍ବ ଉଦ୍ଯାପିତ

ଧରାକୋଟ,୧।୧୧(ଡି.ଏନ୍.ଏ.)

ଗଞ୍ଜାମ ଜିଲାର ବହୁ ପୁରାତନ କୋଠିଶାଳ ଯାତ୍ରା ମୁଣ୍ଡମରାଇରେ ସୋମବାର ଉଦ୍ଯାପିତ ହୋଇଯାଇଛି। ମୁଣ୍ଡମରାଇ ଗ୍ରାମବାସୀ ଓ ଯୁବଗୋଷ୍ଠୀ ଏବଂ କୋଠିଶାଳ ପୂଜା କମିଟିର ମିଳିତ ସହଯୋଗରେ ଏହି ପର୍ବ ଅନୁଷ୍ଠିତ ହୋଇଯାଇଛି। ଦଶହରାଠାରୁ ଆରମ୍ଭ ହୋଇଥିବା ପର୍ବ କାର୍ତ୍ତିକ ମାସ ସୋମବାର ଉଦ୍ଯାପନୀ ହୋଇଥିଲା। ଏଥିରେ ଯୋଗଦେଇ ପୁରାଣ ଶାସ୍ତ୍ର ଉପରେ ତର୍କକରି ଦର୍ଶକ ତଥା ଶ୍ରୋତାଙ୍କୁ ମନୋରଞ୍ଜନ ଯୋଗାଇବା ସହ ହଜିଯାଉଥିବା ଲୋକନୃତ୍ୟ ଏବଂ ପରମ୍ପରାର ଯାତ୍ରା ବଜାୟ ରଖିବା ନେଇ ଆଗ୍ରହ ଦେଖାଇବା ପାଇଁ ସହଯୋଗ କାମନା କରିଥିଲେ। ଉଦ୍ଯାପନୀ ପର୍ବରେ ପୂର୍ବତନ ସାନଖେମୁଣ୍ଡି ବିଧାୟିକା ନନ୍ଦିନୀ ଦେବୀ, ଆସିକା ଏମ୍ପି ପ୍ରମିଳା ବିଷୋୟୀ, ବ୍ଲକ ଅଧକ୍ଷା ରୀନା ଗୌଡ଼ ଯୋଗଦେଇଥିଲେ। ଏହାସହ ଧରାକୋଟ ଅଞ୍ଚଳର ତାଳପାଟଣା, ଘୋଡାପଲୀ, ପଳ ଉପଲୀ ସହ ବିଭିନ୍ନ ଗ୍ରାମରେ କୋଠିଶାଳ ପର୍ବବିଧିବିଧାନ ଅନୁଯାୟୀ ଶେଷ ହୋଇଛି।

# ଦାୟିତ୍ୱ ନେଲେ ନୂତନ ଜିଲାପାଳ କମଳଲୋଚନ ମିଶ୍ର

ନବରଙ୍ଗପୁର,୧।୧୧(ବି.ପ୍ର.)

ନବରଙ୍ଗପୁର ଜିଲାର ନୂତନ ଜିଲାପାଳ ରୂପେ କମଳ ଲୋଚନ ମିଶ୍ର ସୋମବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ନବରଙ୍ଗପୁରର ଅଧିଷ୍ଠାତ୍ରୀ ଦେବୀ ମାଆ ଭଣ୍ଡାର ଘରଣୀଙ୍କ ମନ୍ଦିରକୁ ଯାଇ ଆଶୀର୍ବାଦ ନେବାପରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଓଡ଼ିଶା ରାଜସ୍ୱ ଅମଲା ସଂଘର ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ, ନବରଙ୍ଗପୁର ଜିଲା ସଭାପତି ଆଶୁତୋଷ ମହାନ୍ତି, ସମ୍ପାଦକ ତ୍ରିଲୋଚନ ନାୟକ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଜିଲାର ସାମୁହିକ ବିକାଶ ପାଇଁ ନୂତନ ଜିଲାପାଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସ୍ୱାଗତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସହାୟକ ଜିଲାପାଳ ନିର୍ମଳ ନାୟକ, ଅନାମିକା ପାଣ୍ଡେ, ଜିଲା ଜରୁରୀ କାଳୀନ ଅଧିକାରୀ ମୌସୁମୀ ନାୟକ, ସହାୟକ ଜିଲାପାଳ ବାବୁଲାଲ ସାମଲ, ପୁଷ୍ପାଞ୍ଜଳି ଦଣ୍ଡପାଟ, କମଳେସ ମହନ୍ତ, ଡିଆଇପିଆର୍ଓ ହଳଧର ନିହାଲ, ଜିଲା କ୍ରୀଡ଼ା ଓ ସଂସ୍କୃତି ଅଧିକାରୀ ମହେନ୍ଦ୍ର କୁମାର ସାହୁ, ଜିଲାପାଳଙ୍କ ବ୍ୟକ୍ତିଗତ ସହାୟକ ଏ. ସୁରେଶ, ଜିଲା ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଅଧିକାରୀ ବିଶ୍ୱରଞ୍ଜନ ଭୁକ୍ତା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ସୁଧାଂଶୁ ଶେଖର ପାତ୍ର, ସେକ୍ସନ ଅଫିସର ପି. ହରି, ଭଗବାନ ପାଣିଗ୍ରାହୀ, ବିଜୟ କୁମାର ବେହେରା, ଧନପତି ନାୟକ, ମାୟାଧର ନାୟକ, ଭି. କ୍ରିଷ୍ଣାବେନି, ଅଶୋକ ଚକ୍ରବର୍ତ୍ତୀ, ଦୁର୍ଗାମାଧବ ପଣ୍ଡା, ଜିତେନ୍ଦ୍ର ଚୌଧୁରୀ, ଚିତ୍ତରଞ୍ଜନ ପାତ୍ର, ଜ୍ୟୋତ୍ସ୍ନାଚୌଧୁରୀ, ସୁରେଶ ପଟ୍ଟନାୟକ, ସତ୍ୟ ନାରାୟଣ ସାହୁ, ନରେନ୍ଦ୍ର ସାହୁ, ରୀନାରାଣୀ ପାତ୍ର, ବିଜୟ କୁମାର ସାହୁ, ମୀରା ପଣ୍ଡା, ଗୋବିନ୍ଦା ରାଓ, ସୁବାସ ରାଓ, ସନ୍ଦୀପ ନାୟକଙ୍କ ସମେତ ଜିଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ନବରଙ୍ଗପୁର ତହସିଲଦାର ରବିନ୍ଦ୍ର ରାଉତ ଏବଂ ନବରଙ୍ଗପୁର ଆଇଟିଡିଏ ପିଏ ଅଭିମନ୍ୟୁ ମାଝି ମଧ ଉପସ୍ଥିତି ଥିଲେ।


ଜିଲାପାଳଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଦରବୃଦ୍ଧି ପ୍ରତିବାଦରେ ବିକ୍ଷୋଭ


ବିକ୍ଷୋଭ ସମାବେଶରେ ଜିଲା ମହିଳା ବିଜେଡିର କର୍ମକର୍ତ୍ତାମାନେ।

ମାଲକାନଗିରି(ଡି.ଏନ୍.ଏ.)/କୋରାପୁଟ (ସ୍ୱ.ପ୍ର.)/ଜୟପୁର(ନି.ପ୍ର.), ୧।୧୧

କେନ୍ଦ୍ର ସରକାର ଦରବୃଦ୍ଧି ନିୟନ୍ତ୍ରଣରେ ବିଫଳ ହୋଇଥିବା ଅଭିଯୋଗକରି ବିଜେଡି ପକ୍ଷରୁ ଆରମ୍ଭ ହୋଇଛି ରାଜ୍ୟବ୍ୟାପୀ ପ୍ରତିବାଦ କାର୍ଯ୍ୟକ୍ରମ। ତଦନୁଯାୟୀ ମାଲକାନଗିରି ଜିଲା ବିଜେଡି ମହିଳା ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ତୁରନ୍ତ ଏଥିରେ ଅଙ୍କୁଶ ଲଗାଇଥିବା କେନ୍ଦ୍ର ସରକାର ପଦକ୍ଷେପ ନିଅନ୍ତୁ ବୋଲି ଦାବି କରିଛନ୍ତି ଜିଲା ମହିଳା ବିଜେଡି ସଭାନେତ୍ରୀ ସୁକାନ୍ତି ବୁରୁଦା। ଏହି ଅବସରରେ ପର୍ଯ୍ୟବେକ୍ଷକ ପ୍ରକାଶ ଡାଙ୍ଗଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଶୋଭାଯାତ୍ରାରେ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

ସେହିପରି କୋରାପୁଟ ଜିଲା ମହିଳା ବିଜେଡି ସଭାନେତ୍ରୀ ଲତା ରାୟଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଦଳୀୟ କର୍ମୀମାନେ ସ୍ଥାନୀୟ ସାଂସ୍କୃତିକ ପରିଷଦ ଛକରୁ ଶୋଭାଯାତ୍ରାରେ ବାହାରି ଜିଲାପାଳ ଅବଦାଲ ଏମ୍. ଅଖତାରଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବିଧାୟକ ରଘୁରାମ ପଡାଲ, ଜିଲା ପରିଷଦ ଅଧକ୍ଷା ତୁଳସୀ କିର୍ଷାନୀ, ଜିଲା ପରିଷଦ ଉପାଧକ୍ଷ ନାରସୁଲୁ କାମୁଡି, ଜିଲା ପରିଷଦ ସଦସ୍ୟା ପାର୍ବତୀ ମଣ୍ଡି, ଜୋନାଲ ସଭାନେତ୍ରୀ ରୀତା ପାଣିଗ୍ରାହୀ, ଜିଲା ବିଜେଡି ଉପସଭାପତି ଉତ୍କଳ ରଞ୍ଜନ ନାୟକ, ବୈପାରିଗୁଡ଼ା ବ୍ଲକ ଅଧକ୍ଷା ସରୋଜିନୀ କାଣ୍ଡିକି, ଅର୍ଚ୍ଚନା ଜେନା ପ୍ରମୁଖ ଶତାଧିକ କର୍ମୀ ସାମିଲ ଥିଲେ।

ସେହିପରି ଜୟପୁର ମହିଳା ବିଜେଡି ପକ୍ଷରୁ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ବିଡିଓ ସୁରଜ ପଟ୍ଟନାୟକଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଇନ୍ଦିରା ନନ୍ଦ, ସରିତା ମିଶ୍ର, ହର ମିଶ୍ର, ଭବାନୀ ପଣ୍ଡା ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

# ମେଗା ସମନ୍ୱୟ ମେଳା

ବୁଗୁଡ଼ା,୧।୧୧(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ମିଶନ ଶକ୍ତି ତରଫରୁ ସ୍ଥାନୀୟ ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ମେଗା ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାରେ ବିପିଏମ୍ ଗଙ୍ଗାଧର ମିଶ୍ର, ବିପିସି ସାନୁଜ ଜେନା, ସିଡିପିଓ ରଞ୍ଜିତା ତ୍ରିପାଠୀ, ଇଣ୍ଡିଆନ୍ ବ୍ୟାଙ୍କ ଶାଖା ପରିଚାଳକ ପବିତ୍ର କୁମାର ହୋତା, ଏକ୍ସିସ୍ ବ୍ୟାଙ୍କ୍ କ୍ଷେତ୍ରାଧିକାରୀ ସରୋଜ ଶୁଭକାନ୍ତ ସ୍ୱାଇଁ, ଅଞ୍ଚଳ ପରିଦର୍ଶିକା ନଳିନୀ ମହାରଣା ଓ ସରସ୍ୱତୀ ତ୍ରିପାଠୀ ପ୍ରମୁଖ ଯୋଗଦେଇ ସମନ୍ୱୟ ମେଳାର ଆବଶ୍ୟକତା ଓ ଏସଏଚଜି ମହିଳାମାନେ ବ୍ୟାଙ୍କରୁ ଋଣ ନେଇ କିପରି ଆତ୍ମନିର୍ଭରଶୀଳ ହୋଇପାରିବେ ସେ ବିଷୟରେ ଆଲୋଚନା କରିଥିଲେ।

